# NATIONAL NEWS BULLETIN (ODIA)

## 2 April - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ସୁପ୍ରିମ୍‌କୋର୍ଟ୍‌ ଆମ୍‌ ଆଦମୀ ପାର୍ଟି ନେତା ଓ ରାଜ୍ୟସଭା ସାଂସଦ ସଂଜୟ ସିଂହଙ୍କୁ ଅବକାରୀ ନୀତି ଦୁର୍ନୀତି ମାମଲାରେ ଆଜି ଜାମିନ୍‌ ମଞ୍ଜୁର କରିଛନ୍ତି ।
- ବିଭ୍ରାନ୍ତିକର ବିଜ୍ଞାପନ ମାମଲାରେ ଆଜି ସୁପ୍ରିମ୍‌କୋର୍ଟ ପତଞ୍ଜଳୀ ଆୟୁର୍ବେଦ, ଏହାର ପରିଚାଳନା ନିର୍ଦ୍ଦେଶକ ଆଚାର୍ଯ୍ୟ ବାଲକ୍ରିଷ୍ଣ ଓ ସହ ପ୍ରତିଷ୍ଠାତା ବାବା ରାମଦେବଙ୍କର ତୀବ୍ର ସମାଲୋଚନା କରିଛନ୍ତି ।
- ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଉତ୍ତରାଞ୍ଚଳ ସୀମାରେ ସାମ୍ପ୍ରତିକ ପରିସ୍ଥିତିର ମୁକାବିଲା ପାଇଁ ସୈନ୍ୟ ପ୍ରତ୍ୟାହାର ଓ ଉତ୍ତେଜନା ହ୍ରାସ ଏକ ମାତ୍ର ଉପାୟ ।
- କଂଗ୍ରେସ ଲୋକସଭା ନିର୍ବାଚନ ପାଇଁ ୧୭ ଜଣ ପ୍ରାର୍ଥୀଙ୍କର ଆଉ ଏକ ତାଲିକା ପ୍ରକାଶ କରିଛି ।

ଏବଂ

- ଭାରତୀୟ ପାଣିପାଗ ବିଭାଗ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ କର୍ଣ୍ଣାଟକ, ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ଓ ପୁଡୁଚେରୀରେ ଗ୍ରୀଷ୍ମ ପ୍ରବାହ ହେବାର ପୂର୍ବାନୁମାନ କରିଛି ।

## ଏସ୍.ସି.-ସଂଜୟ ସିଂହ

ସୁପ୍ରିମ୍‌କୋର୍ଟ୍ ଆମ୍ ଆଦମୀ ପାର୍ଟି ନେତା ତଥା ରାଜ୍ୟସଭା ସାଂସଦ ସଂଜୟ ସିଂହଙ୍କୁ ଅବକାରୀ ନୀତି ଦୁର୍ନୀତି ମାମଲାରେ ଆଜି ଜାମିନ୍ ମଞ୍ଜୁର କରିଛନ୍ତି । ଏକ ମିଳିତ ବିବୃତ୍ତିରେ ଜଷ୍ଟିସ୍ ସଞ୍ଜୀବ ଖନ୍ନା, ଜଷ୍ଟିସ୍ ଦୀପଙ୍କର ଦତ୍ତ ଓ ଜଷ୍ଟିସ୍ ପ୍ରସନ୍ନ ବି. ବରାଲେଙ୍କ ଖଣ୍ଡପୀଠ କହିଛନ୍ତି, ବିଚାର ପଡ଼ି ରହିଥିବା ସମୟରେ ଶ୍ରୀ ସିଂହ ଜେଲ୍‌ରୁ ଖଲାସ ହୋଇପାରିବେ । ଅଦାଲତ କହିଛନ୍ତି, ଜାମିନ୍ ସମୟରେ ବର୍ତ୍ତମାନ ସେ ରାଜନୈତିକ କାର୍ଯ୍ୟକଳାପରେ ଭାଗ ନେଇପାରିବେ । ତେବେ ସେ ଇ.ଡି. ତଦନ୍ତ ବିଷୟରେ ସର୍ବସାଧାରଣରେ କୌଣସି ମନ୍ତବ୍ୟ ଦେଇପାରିବେ ନାହିଁ । ସଂଜୟ ସିଂହଙ୍କୁ ଗତବର୍ଷ ଅକ୍ଟୋବର ମାସରେ ଗିରଫ୍ କରାଯାଇଥିଲା ଓ ତାଙ୍କୁ ତିହାଡ଼ ଜେଲ୍‌କୁ ପଠାଯାଇଥିଲା ।

# ଏସ୍.ସି.-ପତଞ୍ଜଳୀ

ସୁପ୍ରିମ୍‌କୋର୍ଟ ବିଭ୍ରାନ୍ତିକର ବିଜ୍ଞାପନ ମାମଲାରେ ଆଜି ପତଞ୍ଜଳୀ ଆୟୁର୍ବେଦ, ଏହାର ପରିଚାଳନା ନିର୍ଦ୍ଦେଶକ ଆଚାର୍ଯ୍ୟ ବାଲକ୍ରିଷ୍ଣ ଓ ସହ ପ୍ରତିଷ୍ଠାତା ବାବା ରାମଦେବଙ୍କର ତୀବ୍ର ସମାଲୋଚନା କରିଛନ୍ତି । ଜଷ୍ଟିସ୍ ହୀମା କୋହଲି ଓ ଏହେସାନ୍‌ଉଦ୍ଦିନ୍ ଅମାନୁଲ୍ଲାଙ୍କ ଖଣ୍ଡପୀଠ ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍ ଦ୍ୱାରା ପତଞ୍ଜଳୀର ବିଜ୍ଞାପନ ବିରୁଦ୍ଧରେ କରାଯାଇଥିବା ଆବେଦନର ଆଜି ଶୁଣାଣି କରିଛନ୍ତି । ସେହି ବିଜ୍ଞାପନରେ ଏଲୋପାଥିର ସମାଲୋଚନା କରାଯାଇଛି ଓ କିଛି ରୋଗର ଚିକିତ୍ସା ଉପରେ ଦାବି କରାଯାଇଛି । ବାଲକ୍ରିଷ୍ଣଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆଫିଡାବିଟ୍‌ରେ ଅଦାଲତ ସନ୍ତୁଷ୍ଟ ହୋଇନଥିଲେ ଓ ଦାଖଲ କରାଯାଇଥିବା ସ୍ପଷ୍ଟିକରଣକୁ ଗ୍ରହଣ କରିବାକୁ ମନା କରିଥିଲେ । ପତଞ୍ଜଳୀ ସାମ୍ପ୍ରତିକ ଔଷଧ ଗୁଡ଼ିକୁ ହେୟଜ୍ଞାନ କରି ଦେଇଥିବା ବିଜ୍ଞାପନ ଉପରେ ଆୟୁଷ ମନ୍ତ୍ରଣାଳୟ କାହିଁକି ପଦକ୍ଷେପ ନେଇନାହିଁ ବୋଲି କୋର୍ଟ ମନ୍ତ୍ରଣାଳୟକୁ ପ୍ରଶ୍ନ କରିଛନ୍ତି । ସପ୍ତାହେ ମଧ୍ୟରେ ଆଫିଡାବିଟ୍ ଦାଖଲ କରିବାକୁ ସୁପ୍ରିମ୍‌କୋର୍ଟ୍ ରାମଦେବ ଓ ବାଲକ୍ରିଷ୍ଣଙ୍କୁ ଆଉ ଏକ ସୁଯୋଗ ଦେଇଛନ୍ତି ।

# ରାଜନାଥ-କମାଣ୍ଡର୍ସ୍ କନ୍‌ଫରେନ୍ସ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଉତ୍ତରାଞ୍ଚଳ ସୀମାରେ ସାମ୍ପ୍ରତିକ ପରିସ୍ଥିତିର ମୁକାବିଲା ପାଇଁ ସୈନ୍ୟ ପ୍ରତ୍ୟାହାର ଓ ଉତ୍ତେଜନା ହ୍ରାସ ଏକମାତ୍ର ଉପାୟ । ସେ କହିଛନ୍ତି, ସୈନ୍ୟମାନେ ସେମାନଙ୍କର କାର୍ଯ୍ୟ କରୁଥିବା ବେଳେ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ କଥାବାର୍ତ୍ତା ଜାରି ରହିବ । ନୂଆଦିଲ୍ଲୀରେ ଆର୍ମି କମାଣ୍ଡର୍ସ୍ କନ୍‌ଫରେନ୍ସରେ ଉଦ୍‌ବୋଧନ ଦେଇ ପଶ୍ଚିମାଞ୍ଚଳ ସୀମାରେ ସେନାବାହିନୀ ଓ ନିରାପତ୍ତା ବାହିନୀ ଯବାନମାନଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଛନ୍ତି । ଦେଶର ସୀମାକୁ ସୁରକ୍ଷିତ ରଖିବା ଓ ସନ୍ତ୍ରାସବାଦ ବିରୁଦ୍ଧରେ ସଂଗ୍ରାମ କରିବାରେ ସେନାବାହିନୀର ଭୂମିକାକୁ ଉଲ୍ଲେଖ କରି ସେ କହିଛନ୍ତି, ସେନାବାହିନୀ ଆବଶ୍ୟକ ସ୍ଥଳେ ପ୍ରଶାସନକୁ ସହାୟତା କରୁଛି । ଶ୍ରୀ ସିଂହ କହିଛନ୍ତି, ଜାମ୍ମୁ କାଶ୍ମୀରରେ ସେନାବାହିନୀର କାର୍ଯ୍ୟାନୁଷ୍ଠାନ ସମଗ୍ର ଅଞ୍ଚଳରେ ସ୍ଥିରତା ଆଣିଛି ।

ଶ୍ରୀ ସିଂହ କହିଛନ୍ତି, ଭବିଷ୍ୟତର ଯୁଦ୍ଧ ଅଣପାରମ୍ପରିକ ଓ ଅପ୍ରତିସମ ହେବ । ସେନାବାହିନୀ ସାଧାରଣ ଶିଳ୍ପ ସହ ମିଶି ଉନ୍ନତ ବୈଷୟିକଜ୍ଞାନର ବିକାଶ କରୁଥିବାରୁ ସେ ଏହାର ପ୍ରଶଂସା କରିଛନ୍ତି । ଆର୍ମି କମାଣ୍ଡର୍ସ୍ କନ୍‌ଫରେନ୍ସ ସମୟରେ ସେନାବାହିନୀର ସର୍ବୋଚ୍ଚ ଅଧିକାରୀ ସାମ୍ପ୍ରତିକ

ସୁରକ୍ଷା ସ୍ଥିତିର ସମସ୍ତ ଦିଗ, ସୀମା ପରିସ୍ଥିତି ଓ ଅନ୍ୟାନ୍ୟ ଚ୍ୟାଲେଞ୍ଜଗୁଡ଼ିକ ଉପରେ ଆଲୋଚନା କରିଛନ୍ତି ।

## କଂଗ୍ରେସ-ଇ.ସି. ମିଟ୍

କଂଗ୍ରେସର ଏକ ପ୍ରତିନିଧି ଦଳ ଆଜି ନୂଆଦିଲ୍ଲୀରେ ନିର୍ବାଚନ କମିଶନ୍‌କୁ ଯାଇ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକରେ ବିଭ୍ରାନ୍ତିକର ଓ ବିଭାଜନକାରୀ ବିଜ୍ଞାପନ ଗୁଡ଼ିକୁ ବନ୍ଦ କରିବାକୁ ନିବେଦନ କରିଛନ୍ତି । ନିର୍ବାଚନ କମିଶନ୍‌ରଙ୍କୁ ସାକ୍ଷାତ କରିସାରି ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ସଲମାନ ଖୁର୍ସିଦ୍ କହିଛନ୍ତି, ଆନ୍ଧ୍ରପ୍ରଦେଶରେ ଲାଗୁ ହୋଇଥିବା ଯୋଜନା ଗୁଡ଼ିକ ସମ୍ବନ୍ଧୀୟ ବିଜ୍ଞାପନରୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଫଟୋକୁ ହଟେଇବା ପାଇଁ ତାଙ୍କ ଦଳ ଅନୁରୋଧ କରିଛି । ବିଭ୍ରାନ୍ତିକର ଓ ବିଭାଜନକାରୀ ବିଜ୍ଞାପନ ଓ ମିଥ୍ୟା ଖବର ଗୁଡ଼ିକର ପ୍ରସାରଣକୁ ବନ୍ଦ କରିବା ପାଇଁ କଂଗ୍ରେସ ନିର୍ବାଚନ କମିଶନ୍‌ଙ୍କୁ ଅନୁରୋଧ କରିଛି ।

## ନଡ୍ଡା-ପାରସ

ରାଷ୍ଟ୍ରୀୟ ଲୋକ ଜନଶକ୍ତି ପାର୍ଟି ମୁଖ୍ୟ ପଶୁପତି କୁମାର ପାରସ ଆଜି ନୂଆଦିଲ୍ଲୀରେ ବିଜେପି ସଭାପତି ଜେ.ପି. ନଡ୍ଡାଙ୍କୁ ସାକ୍ଷାତ କରିଛନ୍ତି ।

ସାମାଜିକ ଗଣମାଧ୍ୟମରେ ଶ୍ରୀ ନଡ୍ଡା କହିଛନ୍ତି, ଏନ୍.ଡି. ମେଣ୍ଟ ବିହାରର ଆଗାମୀ ଲୋକସଭା ନିର୍ବାଚନରେ ଶକ୍ତିଶାଳୀ ରହିବ ଓ ରାଷ୍ଟ୍ରୀୟ ଲୋକ ଜନଶକ୍ତି ପାର୍ଟି ଏନ୍.ଡି.ଏ.ର ସମସ୍ତ ୪୦ ଜଣ ଯାକ ପ୍ରାର୍ଥୀଙ୍କୁ ସମର୍ଥନ ପ୍ରଦାନ କରିବ ।  ପୂର୍ବରୁ ଶ୍ରୀ ପାରସ କେନ୍ଦ୍ର କ୍ୟାବିନେଟ୍‌ରୁ ଇସ୍ତଫା ଦେଇସାରିଛନ୍ତି । ବିହାରରେ ଏନ୍.ଡି.ଏ. ମେଣ୍ଟରେ ତାଙ୍କ ପାର୍ଟିକୁ କୌଣସି ଲୋକସଭା ଆସନ ଦିଆଯାଇ ନାହିଁ । ତାଙ୍କ ପାର୍ଟି ୪୦ଟି ଯାକ ଲୋକସଭା ଆସନରେ ଏନ୍.ଡି.ଏ.କୁ ସମର୍ଥନ କରିବ ବୋଲି ପରେ ସେ ଘୋଷଣା କରିଥିଲେ ।

## କଂଗ୍ରେସ-ଲୋକସଭା ସିଟ୍

କଂଗ୍ରେସ ଲୋକସଭା ନିର୍ବାଚନ ପାଇଁ ୧୭ ଜଣ ପ୍ରାର୍ଥୀଙ୍କର ଆଉ ଏକ ତାଲିକା ପ୍ରକାଶ କରିଛି । ପାର୍ଟି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଏମ୍.ଏମ୍. ପାଲମ୍ ରାଜୁଙ୍କୁ କାକିନଡ଼ା ଲୋକସଭା ଆସନରୁ ପ୍ରାର୍ଥୀ କରିଛି । ଆନ୍ଧ୍ରପ୍ରଦେଶ କଂଗ୍ରେସ ସଭାପତି ୱାଇ.ଏସ୍. ଶର୍ମିଲା ରେଡ୍ଡୀ କଡ୍ଡାପାରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । ପାର୍ଟି ନେତା ଜେ.ଡି. ସିଲମ୍ ବାପଟ୍‌ଲା ଲୋକସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତାରିକ୍ ଅନ୍ୱର୍ ବିହାରର କଟିହାର୍ ଲୋକସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଅମିର୍ ଚାନ୍ଦ ନାୟକ ଓଡ଼ିଶାର କନ୍ଧମାଳ ଲୋକସଭା ଆସନରୁ

ପ୍ରତିଦ୍ୱନ୍ଦ୍ୱିତା କରିବେ । ପାର୍ଟି ଆନ୍ଧ୍ରପ୍ରଦେଶ ବିଧାନସଭା  ନିର୍ବାଚନ ପାଇଁ ୧୧୪ ଜଣ ପ୍ରାର୍ଥୀଙ୍କର ନାମ ତାଲିକା ପ୍ରକାଶ କରିଥିବା ବେଳେ ଓଡ଼ିଶା ବିଧାନସଭା ନିର୍ବାଚନ ପାଇଁ ୪୯ ଜଣ ପ୍ରାର୍ଥୀଙ୍କର ନାମ ତାଲିକା ପ୍ରକାଶ କରିଛି ।

## କଂଗ୍ରେସ-କଚାତିବୁ

ବିଜେପିର ସମାଲୋଚନା କରି କଂଗ୍ରେସ କହିଛି, ଯେଉଁମାନେ କଚାତିବୁ ଉପରେ ବଡ଼ ବଡ଼ କଥା କହୁଛନ୍ତି ସେମାନଙ୍କର ଚୀନ୍‌ର ନାମ ନେବାକୁ ସାହସ ନାହିଁ । ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ପାର୍ଟି ନେତା ମନିଶ ତିୱାରୀ କହିଛନ୍ତି, ଚୀନ୍ ସେନାବାହିନୀ ଭାରତୀୟ ସୀମା ମଧ୍ୟକୁ ଅନୁପ୍ରବେଶ କରିବାର ପ୍ରାୟ ୪ ବର୍ଷ ସମୟ ବିତିଯାଇଛି । ସେ କହିଛନ୍ତି, ଚୀନ୍ ପ୍ରସଙ୍ଗରେ ସରକାର ସମ୍ପୂର୍ଣ୍ଣ ନିରବ ଅଛନ୍ତି । ଶ୍ରୀ ତିୱାରୀ କହିଛନ୍ତି, ଯେଉଁମାନେ କଚାତିବୁ ବିଷୟରେ ଏତେ କଥା କହୁଛନ୍ତି ସେମାନେ ଏକଥା ଭୁଲି ଯାଉଛନ୍ତି ଯେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ୧୯୭୧ ମସିହାରେ ବିଶ୍ୱ ଭୂଗୋଳକୁ ପରିବର୍ତ୍ତନ କରିଦେଇଥିଲେ ।

## କର୍ଣ୍ଣାଟକ-ଅମିତ ଶାହା

ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଭୋଟରମାନଙ୍କୁ ବିକଶିତ ଭାରତ କାର୍ଯ୍ୟସୂଚୀ ବିଷୟରେ ଅବଗତ କରାଇବାକୁ ପାର୍ଟି କର୍ମୀମାନଙ୍କୁ କହିଛନ୍ତି । ବେଙ୍ଗାଲୁରୁ ଠାରେ ୫ଟି ନିର୍ବାଚନ ମଣ୍ଡଳୀର ଶକ୍ତି ପ୍ରମୁଖ ମାନଙ୍କୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ବିଜେପି ବିକଶିତ ଭାରତର କଥା କହୁଥିବା ବେଳେ ଇଣ୍ଡିଆ ମେଣ୍ଟ ଦୁର୍ନୀତିର ପ୍ରସାର କରୁଛି । ସେ କହିଛନ୍ତି, ୨୦୧୪ରେ କର୍ଣ୍ଣାଟକରେ ବିଜେପିର ଭୋଟ୍ ପ୍ରତିଶତ ୪୩ ଭାଗ ଥିବା ବେଳେ ବିଜେପିକୁ ୧୭ଟି ଆସନ ମିଳିଥିଲା । ୨୦୧୯ରେ ସେଠାରେ ବିଜେପିର ଭୋଟ୍ ପ୍ରତିଶତ ୫୧ ଭାଗ ଥିବା ବେଳେ ବିଜେପିକୁ ୨୫ଟି ଆସନ ମିଳିଥିଲା । ବିଜେପି-ଜେ.ଡି.ଏସ୍. ମେଣ୍ଟ ସମସ୍ତ ୨୮ ଯାକ ଆସନରେ ବିଜୟ ହେବାକୁ ଉଦ୍ୟମ କରିବା ପାଇଁ ସେ ପାର୍ଟି କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି ।

## କର୍ଣ୍ଣାଟକ-ସି.ଏମ୍.

କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୟା କର୍ଣ୍ଣାଟକର ବିପତ୍ତି ସମୟରେ ସେଠାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗସ୍ତ କରିନଥିବାରୁ ପ୍ରଶ୍ନ ଉଠାଇଛନ୍ତି । ମହିଶୁର ଠାରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ସେ କହିଛନ୍ତି, ରାଜ୍ୟରେ ମରୁଡ଼ି ପଡ଼ିବା ସମୟରେ ବିଜେପି ସହାୟତାର

ହାତ ବଢ଼ାଇ ନ ଥିବାରୁ ଲୋକମାନେ ବିଜେପିକୁ ଭୋଟ୍ ଦେବା ଉଚିତ୍ କି ବୋଲି ସେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି । ତାଛଡ଼ା କେନ୍ଦ୍ର କର୍ଣ୍ଣାଟକକୁ କେନ୍ଦ୍ରୀୟ ଟିକସର ଅଂଶ ଦେଇନାହିଁ । ମେକେଦାତୁ ଓ ମହାଦାୟୀ ପ୍ରକଳ୍ପ ଗୁଡ଼ିକୁ କେନ୍ଦ୍ର ସରକାର ଅନୁମତି ଦେଇନଥିବାରୁ ସେ ପ୍ରଶ୍ନ ଉଠାଇଛନ୍ତି । ଇତିମଧ୍ୟରେ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବ କୁମାର ବେଙ୍ଗାଲୁରୁ ଠାରେ ଇଣ୍ଡିଆ ମେଣ୍ଟ ଅଂଶିଦାର ଦଳ ଗୁଡ଼ିକ ସହ ଏକ ବୈଠକ କରିଛନ୍ତି । ଆମ୍ ଆଦମୀ ପାର୍ଟି ରାଜ୍ୟଶାଖା ସଭାପତି ମୁଖ୍ୟମନ୍ତ୍ରୀ ଚନ୍ଦ୍ରୁ, ସି.ପି.ଏମ୍. ସାଧାରଣ ସମ୍ପାଦକ ବାସବରାଜୁ, ଏନ୍.ଏସି.ପି. ରାଜ୍ୟଶାଖା ସଭାପତି ସି.ଏନ୍. ଇନାମ୍‌ଦାର୍, ସି.ପି.ଏମ୍.ଏଲ୍. ସାଧାରଣ ସମ୍ପାଦକ କ୍ଲିପଟନ୍ ଡି. ରୋଜେରିଓ, ଆର୍.ଜେ.ଡି. ରାଜ୍ୟଶାଖା ସଭାପତି ୟାକୁବ୍ ଗୁଲ୍‌ଫାଡ଼ି ଓ ଫରଓ୍ୱାର୍ଡ୍ ବ୍ଲକ୍ ରାଜ୍ୟଶାଖା ସଭାପତି ଶିବଶଙ୍କର ଓ ଅନ୍ୟ ନେତାମାନେ ବୈଠକରେ ଉପସ୍ଥିତ ଥିଲେ ।

## ଆଇ.ଏମ୍.ଡି.-ଓ୍ୱେଦର୍

ଭାରତୀୟ ପାଣିପାଗ ବିଭାଗ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ କର୍ଣ୍ଣାଟକ, ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ଓ ପୁଡୁଚେରୀରେ ଗ୍ରୀଷ୍ମ ପ୍ରବାହ ହେବାର ପୂର୍ବାନୁମାନ କରିଛି । ତେଲଙ୍ଗାନା ଓ କର୍ଣ୍ଣାଟକରେ ପରବର୍ତ୍ତୀ ତିନି ଦିନ ପର୍ଯ୍ୟନ୍ତ ଏବଂ କର୍ଣ୍ଣାଟକର ଉପକୂଳବର୍ତ୍ତୀ ଅଞ୍ଚଳ,

କେରଳ, ତାମିଲନାଡୁ, ପୁଡୁଚେରୀ ଓ ଆନ୍ଧ୍ରପ୍ରଦେଶର ଉପକୂଳ ଅଞ୍ଚଳରେ ପରବର୍ତ୍ତୀ ୫ ଦିନ ପର୍ଯ୍ୟନ୍ତ ଗରମ ଓ ଆର୍ଦ୍ରତା ବଳବତ୍ତର ରହିବ ।

ଇତିମଧ୍ୟରେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଉତ୍ତର ପୂର୍ବାଞ୍ଚଳରେ ବର୍ଷା ଓ ବଜ୍ରପାତ ହେବ । ପାଣିପାଗ ବିଭାଗ କହିଛି, ପରବର୍ତ୍ତୀ ପାଞ୍ଚ ଦିନ ଧରି ପଶ୍ଚିମ ହିମାଳୟ ଅଞ୍ଚଳରେ ମଧ୍ୟମ ବର୍ଷା ଓ ତୁଷାରପାତ ହେବ । ଜାମ୍ମୁ କାଶ୍ମୀର, ଲଦାଖ, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ  ବଜ୍ରପାତ ହେବାର ସମ୍ଭାବନା ଅଛି ।

ଉତ୍ତର ପଶ୍ଚିମ କେନ୍ଦ୍ର ଓ ପୂର୍ବ ଭାରତରେ ପରବର୍ତ୍ତୀ ତିନି ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ । ଦେଶର ଦକ୍ଷିଣାଞ୍ଚଳରୁ ପରବର୍ତ୍ତୀ ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରାରେ କୌଣସି ପରବର୍ତ୍ତୀ ଘଟିବ ନାହିଁ । ତେବେ ତେଲଙ୍ଗାନାର କିଛି ଭାଗ, କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶରେ ତାପମାତ୍ରା ପରବର୍ତ୍ତୀ ୫ ଦିନ ପର୍ଯ୍ୟନ୍ତା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇପାରେ ।